-Newspaper Coverage-

DT: 6th March, 2025

ସକାଳ
THE SAKALA
Sakala

# ୭ରୁ ଏସିଆର ସର୍ବବୃହତ୍ ସାହିତ୍ୟ ଉତ୍ସବ

## ୬ଦିନିଆ ମହୋତ୍ସବରେ ଯୋଗଦେବେ ୭ ଶହ ଲେଖକ

ଭୁବନେଶ୍ୱର, ୫।୩ (ସମିସ): ଚଳିତ ବର୍ଷ ଏସିଆର ସବୁଠାରୁ ବଡ଼ ସାହିତ୍ୟ ମହୋତ୍ସବ ଆସନ୍ତା ୭ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ଏହି ଉତ୍ସବକୁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱାତ୍ ଉଦ୍‌ଘାଟନ କରିବେ। ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ସାହିତ୍ୟ ଏକାଡେମୀର ସଚିବ କେ. ଶ୍ରୀନିବାସରାଓ। ସେ କହିଛନ୍ତି ଯେ ଆସନ୍ତା ୭ ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ସମାବେଶରେ ଶହେରୁ ଅଧିକ ଅଧିବେଶନରେ ୭୦୦ରୁ ଅଧିକ ଲେଖକ ଏବଂ ବିଦ୍ୱାନ ଅଂଶଗ୍ରହଣ କରିବେ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ୫୦ରୁ ଅଧିକ ଭାଷାଭାଷୀ ବ୍ୟକ୍ତିବିଶେଷ ପ୍ରତିନିଧିତ୍ୱ କରିବେ। ଏଥର ସାହିତ୍ୟୋତ୍ସବର ମୁଖ୍ୟ ଆକର୍ଷଣ ହେବ ସାହିତ୍ୟ ଏକାଡେମୀ ପୁରସ୍କାର ୨୦୨୪ ପ୍ରଦାନ ସମାରୋହ। ଏହା ୮ ମାର୍ଚ୍ଚ ସନ୍ଧ୍ୟାରେ ଅନୁଷ୍ଠିତ ହେବ ଓ ଏଥିରେ ମୁଖ୍ୟ ଅତିଥି ଭାବରେ ପ୍ରସିଦ୍ଧ ଇଂରାଜୀ ନାଟ୍ୟକାର ମହେଶ ଦତ୍ତାନୀ ଯୋଗଦେବେ। ୯ ମାର୍ଚ୍ଚ ସନ୍ଧ୍ୟା ସାଢ଼େ ୬ଟାରେ ମେଘଦୂତ ମୁକ୍ତାକାଶ ମଞ୍ଚରେ ପ୍ରଖ୍ୟାତ ଇଂରାଜୀ ଲେଖକ ଉପମନ୍ୟୁ ଚାଟାର୍ଜୀ ସମ୍ବତ୍ସର ବକ୍ତୃତା ପ୍ରଦାନ କରିବେ। ଏହାବ୍ୟତୀତ ପ୍ରସିଦ୍ଧ ମାଲାୟାଲମ ଲେଖକ ଓମଚେରି ଏନ.ଏନ. ପିଲ୍ଲାଇ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର, ମୋହନ ରାକେଶ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର, ବିଶିଷ୍ଟ ଗୀତିକାର ଗୋପାଳଦାସ ନୀରଜଙ୍କ ଗୀତ ସଂପର୍କରେ ଆଲୋଚନା, ଜିତେନ୍ଦ୍ର ଭାଟିଆଙ୍କ ସହ କଥାବାର୍ତ୍ତା ଏବଂ ସୁବୋଧ ସରକାରଙ୍କ ସହ ଲେଖକଙ୍କ ସହିତ ସାକ୍ଷାତ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ସହିତ ବିହାର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ ଓ ଗୋଆ ରାଜ୍ୟପାଳ ପି.ଏସ. ଶ୍ରୀଧରନ ପିଲ୍ଲାଇ ସ୍ୱତନ୍ତ୍ର ଅତିଥି ଭାବରେ ଅଂଶଗ୍ରହଣ କରିବେ।

